# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 29 November – 2025

*******************************

## ମୁଖ୍ୟ ସମ୍ବାଦ

- ବିଧାନସଭା ଶୀତକାଳୀନ ଅଧିବେଶନର ତୃତୀୟ ଦିନରେ ଗୃହକାର୍ଯ୍ୟ ସ୍ୱାଭାବିକ

— ରାଜ୍ୟର ସମସ୍ତ ଅଙ୍ଗନୱାଡ଼ି କେନ୍ଦ୍ର ଆଗାମୀ ଦିନରେ ନିଜସ୍ୱ ଗୃହରେ ଚାଲିବ; କହିଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା

- କ୍ଷେତ୍ରସ୍ତରୀୟ ସର୍ଭେ ପରେ ୧୭ ଲକ୍ଷରୁ ଉର୍ଦ୍ଧ୍ୱ ମହିଳା ହିତାଧିକାରୀଙ୍କୁ ସୁଭଦ୍ରା ଯୋଜନାରେ କରାଯାଇଛି ସାମିଲ

- ଆସନ୍ତା ମାର୍ଚ୍ଚ ମାସ ସୁଦ୍ଧା ରାଜ୍ୟକୁ ମାଓବାଦୀ ମୁକ୍ତ କରିବାକୁ ଲକ୍ଷ୍ୟ ରଖିଛନ୍ତି ସରକାର

ଏବଂ

- ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ଆସନ୍ତାକାଲି ଦେଶବାସୀଙ୍କ ସହ ଭାବ ବିନିମୟ କରିବେ ପ୍ରଧାନମନ୍ତ୍ରୀ

## ବିଏସ୍ଏଫ୍

ରାଜ୍ୟକୁ ୨୦୨୬ ମସିହା ମାର୍ଚ୍ଚ ମାସ ସୁଦ୍ଧା ମାଓବାଦୀମୁକ୍ତ କରାଯିବା ଲକ୍ଷ୍ୟ ରଖାଯାଇଛି ବୋଲି ବିଏସ୍ଏଫ୍ ଆଇଜ ଅବତାର ସିଂ ଶାହି କହିଛନ୍ତି। ଭୁବନେଶ୍ୱରଠାରେ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଶାହି କହିଛନ୍ତି, ଚଳିତବର୍ଷ ରାଜ୍ୟରେ ସୁରକ୍ଷା କର୍ମୀଙ୍କ ଦ୍ୱାରା ୧୯ ଜଣ ମାଓବାଦୀଙ୍କୁ ନିହତ କରାଯାଇଛି। ସେହି ସମୟ ମଧ୍ୟରେ ୮ ଜଣ ମାଓବାଦୀଙ୍କୁ ଗିରଫ କରାଯାଇଥିବାବେଳେ ୬ ଜଣ ଆତ୍ମସମର୍ପଣ କରିଛନ୍ତି। ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବା ପାଇଁ ଆତ୍ମସମର୍ପଣ କଲେ ସରକାରଙ୍କ ପକ୍ଷରୁ ସମସ୍ତ ସହଯୋଗ ପ୍ରଦାନ କରାଯିବ ବୋଲି ବିଏସ୍ଏଫ୍ ଆଇ.ଜି କହିଛନ୍ତି।

ରାଜ୍ୟ ସରକାର ମାଓବାଦୀମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ନୂଆ ନିର୍ଦ୍ଦେଶାବଳୀ ଆଣିଛନ୍ତି । ଆତ୍ମସମର୍ପଣ କଲେ ପୂର୍ବାପେକ୍ଷା ଅଧିକ ଅର୍ଥରାଶି ମିଳିବା ସହ ନିଯୁକ୍ତି ଓ ଉଦ୍ୟୋଗୀ ହେବାର ସୁଯୋଗ ଦିଆଯିବ ବୋଲି ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି । ବିଜ୍ଞପ୍ତି ଅନୁସାରେ, ମାଓବାଦୀଙ୍କ କେନ୍ଦ୍ରୀୟ କମିଟି ସଦସ୍ୟ ଆତ୍ମସମର୍ପଣ କଲେ ୧ କୋଟି ୨୦ ଲକ୍ଷ ଟଙ୍କାର ପ୍ରୋତ୍ସାହନ ରାଶି ଦିଆଯିବ । ରାଜ୍ୟ ମାଓବାଦୀ କମିଟିର ସଦସ୍ୟ ଆତ୍ମସମର୍ପଣ କଲେ ୬୫ ଲକ୍ଷ ଟଙ୍କା, ଆଞ୍ଚଳିକ କମିଟି ସଦସ୍ୟଙ୍କ କ୍ଷେତ୍ରରେ ୩୩ ଲକ୍ଷ ଟଙ୍କା ଏବଂ ଡିଭିଜନାଲ କମିଟି ସଦସ୍ୟଙ୍କୁ ୨୨ ଲକ୍ଷ ଟଙ୍କାର ପ୍ରୋତ୍ସାହନ ରାଶି ମିଳିବ ବୋଲି ଜଣାପଡ଼ିଛି ।

## ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ପୂର୍ବାହ୍ନ ୧୧ଟା ସମୟରେ ଆକାଶବାଣୀର 'ମନ୍ କୀ ବାତ୍' କାର୍ଯ୍ୟକ୍ରମରେ ଦେଶବାସୀଙ୍କ ସହ ଭାବ ବିନିମୟ କରିବେ। ଏହା ପ୍ରଧାନମନ୍ତ୍ରୀଙ୍କ 'ମନ୍ କୀ ବାତ୍' କାର୍ଯ୍ୟକ୍ରମର ୧୨୮ତମ ସଂସ୍କରଣ। 'ମନ୍ କୀ ବାତ୍' କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ କେନ୍ଦ୍ର, ଆକାଶବାଣୀ ସମ୍ବାଦ ୱେବ୍‌ସାଇଟ୍ ଓ ନ୍ୟୁଜ୍ ଅନ୍ ଏ.ଆଇ.ଆର୍. ମୋବାଇଲ୍ ଆପ୍‌ରେ ଉପଲବ୍ଧ ହେବ। ପ୍ରଧାନମନ୍ତ୍ରୀଙ୍କର ସମ୍ବୋଧନ ପରେ ଆଞ୍ଚଳିକ ଭାଷାରେ ମନ୍ କୀ ବାତ୍ ପ୍ରସାରଣ କରାଯିବ। ଆଞ୍ଚଳିକ ଭାଷାରେ ଏହାର ଭାଷାନ୍ତର ପୁଣିଥରେ ରାତି ୮ଟାରେ ପ୍ରସାରଣ କରାଯିବ।

## କୃଷି ଶିବିର

**କେନ୍ଦୁଝର** ସହର ଉପକଣ୍ଠ ଜୁଡ଼ିଆ ଫାର୍ମ କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ଜିଲ୍ଲାସ୍ତରୀୟ କୃଷକ ଉତ୍ପାଦକ ସଂଗଠନର ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୬ଟି କୃଷକ ଉତ୍ପାଦକ ସଂଗଠନର ୨୫ ଜଣ କର୍ମକର୍ତ୍ତା, ନିର୍ଦ୍ଦେଶକ ଏବଂ ପରିଚାଳନା ବୋର୍ଡର ସଦସ୍ୟ ଅଂଶଗ୍ରହଣ କରିଥିଲେ । ଶିବିରକୁ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ସୁକାନ୍ତ କୁମାର ସାହୁ ଉଦ୍‌ଘାଟନ କରିଥିଲେ। କୃଷକ ଗୋଷ୍ଠୀଗୁଡ଼ିକୁ ସଶକ୍ତ କରିବା, କୃଷିଭିତ୍ତିକ ପ୍ରକଳ୍ପ ପ୍ରସ୍ତୁତି, ମୂଲ୍ୟଯୁକ୍ତ ପଦାର୍ଥ ପ୍ରସ୍ତୁତି ଓ ପ୍ରକ୍ରିୟାକରଣ ଏବଂ ବଜାର ସଂଯୋଗୀକରଣର ବିଭିନ୍ନ ଦିଗ ଉପରେ ଏହି ଅବସରରେ ଆଲୋଚନା କରାଯାଇଥିଲା।

## ମାଣ୍ଡିଆ ଚାଷ ସଚେତନତା

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ-ଓୟୁଏଟି ଏବଂ ଭଦ୍ରକ ଜିଲ୍ଲା ରାଣୀତାଲ କୃଷି ବିଜ୍ଞାନ କେନ୍ଦ୍ର ପକ୍ଷରୁ ବନ୍ତ ବ୍ଲକ୍ ରାମକୃଷ୍ଣପୁର ପଂଚାୟତ ରାଛଗଡିଆଠାରେ ମାଣ୍ଡିଆ ଚାଷ ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ସଞ୍ଜୟ କୁମାର ମହାନ୍ତିଙ୍କ ସମେତ ବୈଜ୍ଞାନିକ ଓ ବହୁ ବରିଷ୍ଠ ଅଧିକାରୀ ପ୍ରମୁଖ ଯୋଗଦେଇ ମାଣ୍ଡିଆ ଚାଷ କରି କିପରି ଚାଷୀମାନେ ଅଧିକ ଅମଳ କରିବା ସହ ଆତ୍ମନିର୍ଭରଶୀଳ ହୋଇପାରିବେ ସେ ସମ୍ପର୍କରେ ପରାମର୍ଶ ଦେଇଛନ୍ତି। ଏଥିରେ ବହୁ ଚାଷୀ ଯୋଗଦେଇଥିଲେ।

## ଶୂନ୍ୟ ମୃତାହତ ପକ୍ଷ

**ନବରଙ୍ଗପୁର** ଜିଲ୍ଲା ଆଂଚଳିକ ପରିବହନ ବିଭାଗ ପକ୍ଷରୁ ଶୂନ୍ୟ ମୃତାହତ ପକ୍ଷ ପାଳନ କରାଯାଇଛି। ଏହି ଅବସରରେ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଡକ୍ଟର ମହେଶ୍ୱର ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିଛନ୍ତି। ଶୋଭାଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ବାହାରି ସ୍ଥାନୀୟ ମିଶନଶକ୍ତି ହଲ ପର୍ଯ୍ୟନ୍ତ ପହଞ୍ଚିଥିଲା। ବିଦ୍ୟାଳୟର ଛାତ୍ରଛାତ୍ରୀ, ଜିଲ୍ଲାସ୍ତରୀୟ ଅଧିକାରୀ ଓ ଆଂଚଳିକ ପରିବହନ ବିଭାଗ କର୍ମଚାରୀମାନେ 'ସଡକ ସୁରକ୍ଷା ଜୀବନ ରକ୍ଷା' ସମ୍ବନ୍ଧୀୟ ପ୍ଲା-କାର୍ଡ ଜରିଆରେ ସଚେତନତାର ବାର୍ତ୍ତା ପ୍ରଚାର କରିଛନ୍ତି।

## ଚିଲିକା-ପର୍ଯ୍ୟଟନ

**ଗଞ୍ଜାମ** ଜିଲ୍ଲା ଖଲିକୋଟ ବ୍ଲକ୍ ସମଲନାଶିରେ ଉପଜିଲ୍ଲାପାଳ ଶିବାଶୀଷ ବରାଳଙ୍କ ଅଧ୍ୟକ୍ଷତାରେ ଜନଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଶୁଣାଣିରେ ଚିଲିକାରେ ୧୪୮ ଏକରରୁ ଊର୍ଦ୍ଧ୍ୱ ବେସରକାରୀ ଜମିକୁ ଏକ ଘରୋଇ ସଂସ୍ଥା ଦ୍ୱାରା ଅଧିଗ୍ରହଣ କରାଯାଇ ପର୍ଯ୍ୟଟନ ଭିତ୍ତିଭୂମିର ବିସ୍ତାର କରାଯିବ ବୋଲି ଉପଜିଲ୍ଲାପାଳ କହିଛନ୍ତି। ଏହାଦ୍ୱାରା ସ୍ଥାନୀୟ ଲୋକେ ନିଯୁକ୍ତି ପାଇବା ସହିତ ରୋଜଗାରକ୍ଷମ ହୋଇପାରିବେ ବୋଲି ଶ୍ରୀ ବରାଳ କହିଛନ୍ତି।

## ପାଣିପାଗ

ରାଜ୍ୟରେ ଶୀତ ଲହରୀ ଅନୁଭୂତ ହେଉଛି।  ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଆଗାମୀ ୨୪ ଘଣ୍ଟା ପାଇଁ ୫ ଜିଲ୍ଲା- ସୁନ୍ଦରଗଡ଼, ଖୋର୍ଦ୍ଧା, ନୟାଗଡ଼, କନ୍ଧମାଳ, କୋରାପୁଟକୁ ଘନକୁହୁଡ଼ି ନେଇ ସତର୍କ ସୂଚନା  ଜାରି କରାଯାଇଛି। ଆଗାମୀ ୪ ଦିନ ମଧ୍ୟରେ ରାଜ୍ୟରେ ତାପମାତ୍ରାରେ କୌଣସି ବିଶେଷ ପରିବର୍ତ୍ତନର ସମ୍ଭାବନା ନାହିଁ। ପରବର୍ତ୍ତୀ ସମୟରେ ୨ ରୁ ୩ ଡିଗ୍ରୀ ସେଲସିୟସ୍ ତାପମାତ୍ରା ହ୍ରାସ ପାଇବା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି।

## ବିଧାନସଭା

ସପ୍ତଦଶ ବିଧାନସଭାର ଶୀତକାଳୀନ ଅଧିବେଶନର ଆଜି ତୃତୀୟ ଦିନରେ ଗୃହକାର୍ଯ୍ୟ ସ୍ୱାଭାବିକ ଚାଲିଛି। ଶୂନ୍ୟକାଳରେ ମୁଖ୍ୟ ବିରୋଧୀ ଦଳ ପକ୍ଷରୁ ମୁଲତବୀ ପ୍ରସ୍ତାବ ଆଗତ କରାଯାଇଥିଲା। ଇ-କେୱାଇସି ପରେ ସର୍ଭେ ନାମରେ ରାସନକାର୍ଡ କଟାଯାଉଥିବା ନେଇ ବିରୋଧୀଙ୍କ ପକ୍ଷରୁ ଅଭିଯୋଗ

କରାଯାଇଥିଲା । ମହିଳା ଓ ଶିଶୁ ବିକାଶ ବିଭାଗ ସଂକ୍ରାନ୍ତୀୟ ବିଭିନ୍ନ ପ୍ରଶ୍ନର ଉତ୍ତର ଉପମୁଖ୍ୟମନ୍ତ୍ରୀ ତଥା ବିଭାଗୀୟ ମନ୍ତ୍ରୀ ପ୍ରଭାତୀ ପରିଡା ରଖିଛନ୍ତି ।

## ବିଧାନସଭା-ଅଙ୍ଗନୱାଡ଼ି କେନ୍ଦ୍ର

ରାଜ୍ୟର ସମସ୍ତ ଅଙ୍ଗନୱାଡି କେନ୍ଦ୍ର ଆଗାମୀ ଦିନରେ ନିଜସ୍ୱ ଗୃହରେ ଚାଲିବ ବୋଲି ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଭାତୀ ପରିଡା କହିଛନ୍ତି । ବିଧାନସଭାରେ ଆଜି ପ୍ରଶ୍ନକାଳରେ ଉତ୍ତର ରଖି ଶ୍ରୀମତୀ ପରିଡା କହିଛନ୍ତି, ରାଜ୍ୟର ୧୨ ହଜାର ୧୪୪ଟି ଅଙ୍ଗନୱାଡ଼ିକୁ ସକ୍ଷମ ଅଙ୍ଗନୱାଡ଼ି କେନ୍ଦ୍ରରେ ପରିଣତ କରାଯାଇଛି । ୨୦୨୪-୨୫ ଆର୍ଥିକବର୍ଷରେ ୫ ହଜାର ୫୬ ଅଙ୍ଗନୱାଡ଼ି କେନ୍ଦ୍ର ସକ୍ଷମ କେନ୍ଦ୍ରରେ ପରିଣତ ହୋଇଛି । ଚଳିତ ଅତିରିକ୍ତ ବଜେଟ୍‌ରେ ୧୦ ହଜାର ୯୦୦ ଅଙ୍ଗନୱାଡ଼ି କେନ୍ଦ୍ର ନିର୍ମାଣ ପାଇଁ ବ୍ୟୟ ବରାଦ କରାଯାଇଥିବା ନେଇ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା କହିଛନ୍ତି ।

**- V/O -(**ପ୍ରଭାତୀ ପରିଡା**)**

ରାଜ୍ୟରେ ସମୁଦାୟ ୭୪ ହଜାର ୨୨୪ଟି ଅଙ୍ଗନୱାଡ଼ି କେନ୍ଦ୍ର ରହିଛି । ସେଥିମଧ୍ୟରୁ ୫୪ ହଜାର ୭୪ଟି କେନ୍ଦ୍ର ସମ୍ପୂର୍ଣ୍ଣ ହୋଇ ନିଜସ୍ୱ ଗୃହରେ ଚାଲୁଛି । ଏମ୍‌ଆରଇଜିଏସ୍(MGNREGS) ପାଣ୍ଠି ବ୍ୟତୀତ ବିଭାଗ ନିଜସ୍ୱ ପାଣ୍ଠିରେ ଅଙ୍ଗନୱାଡ଼ି କେନ୍ଦ୍ର ନିର୍ମାଣ କରିବାକୁ ଯୋଜନା ପ୍ରସ୍ତୁତ କରିଛି ବୋଲି ଶ୍ରୀମତୀ ପରିଡା କହିଛନ୍ତି ।

ପଞ୍ଚାୟତିବିଭାଗ ସହଯୋଗରେ ଯାଗା କ୍ରୟ ପାଇଁ ସରକାର ପଦକ୍ଷେପ ନେଉଛନ୍ତି। ପୂର୍ବରୁ ଅଙ୍ଗନୱାଡ଼ି କେନ୍ଦ୍ର ନିର୍ମାଣ ପାଇଁ ୭ ଲକ୍ଷ ଟଙ୍କାର ପାଣ୍ଠି ବ୍ୟବସ୍ଥା ଥିବାବେଳେ ଏହାକୁ ଏବେ ୧୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଏଥିସହିତ ପୂର୍ବରୁ ଥିବା ୧୦ ହଜାର ୪୧୬ଟି ମିନି ଅଙ୍ଗନୱାଡ଼ି କେନ୍ଦ୍ରକୁ ୨୦୨୩-୨୪ ଆର୍ଥିକବର୍ଷରୁ ମୁଖ୍ୟ ଅଙ୍ଗନୱାଡ଼ି କେନ୍ଦ୍ରକୁ ପରିବର୍ତ୍ତନ କରାଯାଇଛି ବୋଲି ଉପମୁଖ୍ୟମନ୍ତ୍ରୀ ଗୃହରେ ସୂଚନା ଦେଇଛନ୍ତି।

## ବିଧାନସଭା–ସୁଭଦ୍ରା

ରାଜ୍ୟ ସରକାର କ୍ଷେତ୍ରସ୍ତରୀୟ ସର୍ଭେ କରିବା ପରେ ସୁଭଦ୍ରା ଯୋଜନାରେ ୧୭ ଲକ୍ଷ ୮୩ ହଜାର ୨୫୧ ଜଣ ମହିଳାଙ୍କୁ ସାମିଲ କରିଛନ୍ତି ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ କରିଡା କହିଛନ୍ତି। ସଦସ୍ୟ ମାନସ କୁମାର ଦତ୍ତଙ୍କ ପ୍ରଶ୍ନର ଉତ୍ତର ରଖି ଶ୍ରୀମତୀ ପରିଡା କହିଛନ୍ତି, ସୁଭଦ୍ରା ଯୋଜନାରେ ଗତ ନଭେମ୍ବର ୨୪ ତାରିଖ ସୁଦ୍ଧା ସମୁଦାୟ ୧ କୋଟି ୧୨ ଲକ୍ଷ ୨୬ ହଜାର ୭୪୩ ଜଣ ଆବେଦନ କରିସାରିଛନ୍ତି। ଅଦ୍ୟାବଧି ୧ କୋଟି ୩ ଲକ୍ଷ ୮୯ ହଜାର ୮୦୧ ଜଣ ମହିଳା ସୁଭଦ୍ରା ଯୋଜନାରେ ପ୍ରଥମ କିମ୍ବା ଦ୍ୱିତୀୟ କିସ୍ତି ପାଇଥିବାବେଳେ ୯୭ ଲକ୍ଷ ୫୧ ହଜାର ୪୬୯ ଜଣ ତୃତୀୟ କିସ୍ତି ପାଇଛନ୍ତି। ବର୍ତ୍ତମାନସୁଦ୍ଧା ୯ ଲକ୍ଷ ୩୬ ହଜାର ୨୮୩ ଜଣଙ୍କ ଆବେଦନକୁ ଖାରଜ କରାଯାଇଛି ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ଗୃହରେ ସୂଚନା ଦେଇଛନ୍ତି।

## ବିଧାନସଭା–ମନ୍ଦିର ଅନୁଦାନ

ରାଜ୍ୟରେ ୪ ହଜାରରୁ ଊର୍ଦ୍ଧ୍ୱ ମନ୍ଦିରର ଆର୍ଥିକ ଅନୁଦାନ ରାଶିକୁ ରାଜ୍ୟ ସରକାର ଅଢ଼େଇ କୋଟି ଟଙ୍କା  ବୃଦ୍ଧି କରିଛନ୍ତି।  ସଦସ୍ୟ ଟଙ୍କଧର ତ୍ରିପାଠୀଙ୍କ ପ୍ରଶ୍ନରେ ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଉତ୍ତର ରଖି କହିଛନ୍ତି, ପୂର୍ବରୁ ଏହି ଅନୁଦାନ ରାଶି ୫ କୋଟି ଥିବାବେଳେ ଏହାକୁ ୭ କୋଟି ୫୦ ଲକ୍ଷକୁ ବଢ଼ାଇ ଦିଆଯାଇଛି। ଦେବୋତ୍ତର କମିଶନଙ୍କ ଅଧୀନରେ ୧୮ ହଜାରରୁ ଊର୍ଦ୍ଧ୍ୱ ମନ୍ଦିର ରହିଛି। ସେଥିମଧ୍ୟରୁ ୪ ହଜାର ୧୪୫ ମନ୍ଦିରକୁ ସ୍ୱତନ୍ତ୍ର ଆର୍ଥିକ ଅନୁଦାନ ରାଶି ଯୋଗାଇ ଦିଆଯାଇଛି ବୋଲି ମନ୍ତ୍ରୀ ଗୃହରେ କହିଛନ୍ତି।

## ବିଧାନସଭା-ଶିଶୁ ଉଦ୍ଧାର

ରାଜ୍ୟରେ ୨୦୨୪ରୁ ବର୍ତ୍ତମାନସୁଦ୍ଧା ୮ ହଜାର ୩୬୨ ଜଣ ନିଖୋଜ ଶିଶୁଙ୍କୁ ଉଦ୍ଧାର କରାଯାଇଛି ବୋଲି ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଭାତୀ ପରିଡା କହିଛନ୍ତି।  ଏକ ପ୍ରଶ୍ନର ଉତ୍ତରରେ ସେ କହିଛନ୍ତି, ୨୦୧୪ ରୁ ଆଜି ପର୍ଯ୍ୟନ୍ତ ଶିଶୁ ସହାୟତା ନମ୍ବର ୧୦୯୮ରେ ୧୧ ହଜାର ୩୩୭ ଅଭିଯୋଗ ପଞ୍ଜୀକୃତ ହୋଇଛି। ସେଥିରୁ ୮ ହଜାର ୩୬୨ ଜଣ ଶିଶୁଙ୍କୁ ଉଦ୍ଧାର କରାଯାଇଛି। ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୭୮୫ ମାମଲାରୁ ୫୭୬ ଶିଶୁଙ୍କୁ ଉଦ୍ଧାର କରାଯାଇଥିବା ଉପମୁଖ୍ୟମନ୍ତ୍ରୀ କହିଛନ୍ତି।